ସମାଜ
The Samaja

22nd Sept, 2019

## ଆଇଆଇଟି ଭୁବନେଶ୍ୱରର ୮ମ ଦୀକ୍ଷାନ୍ତ ଉତ୍ସବ

# ନକଲ ଜ୍ଞାନକୌଶଳ ଯୋଗୁଁ ଷ୍ଟାର୍ଟଅପ୍ ବିଫଳ ହେଉଛି




ଭୁବନେଶ୍ୱର,୨୧।୯ (ଭୁ.ପ୍ର): ଜୀବନରେ ବିଫଳତା ଆସିବା ସ୍ୱାଭାବିକ। ଯେପର୍ଯ୍ୟନ୍ତ ଆମେ ବିଫଳ ନହୋଇଛେ ସେପର୍ଯ୍ୟନ୍ତ ଆମେ ଠିକ୍ ଭାବେ ଉଦ୍ୟମ କରିନାହୁଁ ବୋଲି ବିବେଚନା କରିବା ଉଚିତ। ଯେତେ ବିଫଳ ହେବେ, ସେତେ ଅଧିକ ଶିଖିବାକୁ ମିଳିବ ଆଉ ବିଫଳତାର ଏହି ଅଭିଜ୍ଞତା ହିଁ ଆମକୁ ସଫଳତା ଦେବ। ଆଜିକାଲି ଜ୍ଞାନକୌଶଳର ନକଲ କରାଯାଉ ଥିବାରୁ ଅନେକ ଷ୍ଟାର୍ଟଅପ୍ ବିଫଳ ହେଉଛି। କୌଣସି ଟେକ୍ନୋଲୋଜି ଚୋରି କରିବା ଉଚିତ ନୁହେଁ, ଯଦି ଚୋରି କରିବାର ଅଛି ତେବେ ବିଚାର କରି ଚୋରି କରନ୍ତୁ ବୋଲି କହିଛନ୍ତି ଇସ୍ରୋ ମୁଖ୍ୟ ଡଃ କେ ଶିବନ।

ଶନିବାର ଆଇଆଇଟି, ଭୁବନେଶ୍ୱରର ଦୀକ୍ଷାନ୍ତ ଉତ୍ସବରେ ଯୋଗଦେଇ ଡ଼ଃ ଶିବନ୍ କହିଥିଲେ ଯେ ଅନେକ ସମୟରେ ଅଦ୍ଭୁତ ବିଚାରଧାରା ଇତିହାସ ସୃଷ୍ଟି କରିଥାଏ। ୧୯୬୦ ମସିହାରେ ଭାରତ ଯେତେବେଳେ ମହାକାଶ ବିଜ୍ଞାନ କ୍ଷେତ୍ରରେ କାମ କରିବା ଆରମ୍ଭ କରିଥିଲା ସେତେବେଳେ ଲୋକେ ଏହାକୁ ଭିନ୍ନ ଦୃଷ୍ଟିରେ ଦେଖୁଥିଲେ। କିନ୍ତୁ ୫ ଦଶନ୍ଧି ପରେ ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତ ଆଜି ଯେଉଁ ସଫଳତା ମିଳିଛି, ତାହା କେବେ କେହି ଚିନ୍ତା କରି ନ ଥିଲେ।

ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଡଃ କେ ଶିବନ୍ କହିଥିଲେ, ମୁଁ ମୋ ଛାତ୍ର ଜୀବନରୁ ହିଁ ଅନେକ ବିଫଳତା ଦେଖିଛି। ଯୁକ୍ତ ୨ ବିଜ୍ଞାନରେ ନିଜ ପସନ୍ଦ ଅନୁସାରେ ପାଠ୍ୟକ୍ରମରେ ପଢ଼ିବା ସୁଯୋଗ ପାଇନଥିଲି। ପିଏଚ୍‌ଡି ସମୟରେ ଯେଉଁ ବିଷୟରେ ଗବେଷଣା ପାଇଁ ସ୍ଥିର କରିଥିଲି, ତାହାର ବିପରୀତ ବିଷୟରେ ଗବେଷଣା କରିବାର ସୁଯୋଗ ମିଳିଲା।

ସେହିପରି ଅନ୍ୟ କ୍ଷେତ୍ରରେ ଚାକିରି ପାଇଁ ଇଚ୍ଛା ଥିଲା, କିନ୍ତୁ ମହାକାଶ ବିଜ୍ଞାନରେ କାମ କରିବାର ସୁଯୋଗ ମିଳିଲା। ଛାତ୍ରଛାତ୍ରୀ ହୁଅନ୍ତୁ ଅବା ଅନ୍ୟ କେହି, ଯେପର୍ଯ୍ୟନ୍ତ ରିସ୍କ ନ ନେଇଛନ୍ତି, ସେପର୍ଯ୍ୟନ୍ତ ବଡ଼ ସଫଳତା ମିଳିବ ନାହିଁ। ଚମତ୍କାର ଭୁଲ୍ କର, ସେଥିରୁ ଶିକ୍ଷା ଗ୍ରହଣ କର ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

ଦୀକ୍ଷାନ୍ତ ଉତ୍ସବରେ ସଭାପତିତ୍ୱ କରି ଆଇଆଇଟି, ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜାକୁମାର କହିଥିଲେ ଯେ ଗତ ୭ବର୍ଷ ଭିତରେ ଏହି ଅନୁଷ୍ଠାନ ବିଶ୍ୱସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିଛି। ଶିଳ୍ପ ଓ ସମାଜ ମଧ୍ୟରେ ଉତ୍ତମ ସମ୍ପର୍କ ରହିଛି ବୋଲି ଆମେ ସର୍ବଦା ବିଶ୍ୱାସ କରୁ। ସାଧାରଣ ଜୀବନଶୈଳୀକୁ ସରଳ କରିବା ଦିଗରେ ଆଇଆଇଟି କାମ କରୁଛି ବୋଲି ସେ କହିଥିଲେ।

ଏହି ଅବସରରେ ଚଳିତ ବର୍ଷ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କମ୍ପ୍ୟୁଟର ସାଇନ୍ସରେ ଇଞ୍ଜିନିୟରିଂ ବିଟେକ ଛାତ୍ର ଶ୍ରୋହନ ମହାପାତ୍ରଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ, ସ୍କୁଲ ଅଫ୍ ଇନଫ୍ରାଷ୍ଟ୍ରକ୍ଚରର ରାହୁଲ ଦାସ ଏବଂ ସ୍କୁଲ ଅଫ୍ ବେସିକ୍ ସାଇନ୍ସର ଅନୁଭବ ନାଥଙ୍କୁ ଆଇଆଇଟି ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା।

ସେହିପରି ୩୨ ଜଣଙ୍କୁ ପିଏଚ୍‌ଡି, ୧୦୫ ଜଣଙ୍କୁ ଏମଟେକ୍,୬୭ ଜଣଙ୍କୁ ଏମଏସସି,୧୫୨ ଜଣଙ୍କୁ ବିଟେକ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା।